To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

R.N.I. No.-42041/83 Vol-15, Issue No.276, ଭଦ୍ରକ, ବୁଧବାର, ୧୧, ଏପ୍ରିଲ ୨୦୧୮ ■ Bhadrak, Wednesday, 11 April 2018 Rs. 2.00 Pages-8


୧୨ରେ ଉପବାସ ରଖିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି



# ୧୬ରେ ଖୋଲିବ ଜଗମୋହନ



## ହାଇକୋର୍ଟଙ୍କ ନିର୍ଦ୍ଦେଶ

- ଏପ୍ରିଲ ୧୯ରେ ପରବର୍ତ୍ତୀ ଶୁଣାଣି
- ଗର୍ଭଗୃହକୁ ସାଧାରଣ ପ୍ରବେଶ ମନା

ଭୁବନେଶ୍ୱର, ୧୦।୪ (ସକାଳ ଖବର): ଆସନ୍ତା ଏପ୍ରିଲ ୧୬ ସୁଦ୍ଧା ଶ୍ରୀମନ୍ଦିର ଜଗମୋହନ ଖୋଲିବାକୁ ଓଡିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟରେ ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରଦୀପ ଦାସ ମଙ୍ଗଳବାର ବ୍ୟକ୍ତିଗତ ଭାବେ ହାଜର ହେବା ପରେ ମାମଲାର ଶୁଣାଣି ହୋଇଥିଲା । ପ୍ରଦୀପଙ୍କ ପକ୍ଷ ଶୁଣିବା ପରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ବିନୀତ ଶରଣଙ୍କ ଗଠିତ ଖଣ୍ଡପୀଠରେ ରାୟ ଶୁଣାଇ କହିଥିଲେ ଯେ ଆସନ୍ତା ୧୬ରେ ଜଗମୋହନ ଖୋଲଯିବା ଏହାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୯ରେ ହେବ। ଏହା ବ୍ୟତିତ ଗର୍ଭଗୃହ ମଧ୍ୟକୁ ସର୍ବସାଧାରଣଙ୍କ ପ୍ରବେଶ ନିଷେଧ କରିବାକୁ କୁହାଯାଇଛି। ସେବା ସହିତ ଜଡ଼ିତ ସେବାୟତ ହିଁ କେବଳ ଗର୍ଭ ଗୃହ ମଧ୍ୟକୁ ଯାଇପାରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ସୂଚନା ଅନୁଯାୟୀ ପୂର୍ବରୁ ଅଗଷ୍ଟ ୧ ଯାଏଁ ମରାମତି ଦୃଷ୍ଟି କୋଣରୁ ଜଗମୋହନ ନଖୋଲିବାକୁ ଶ୍ରୀମନ୍ଦିର ପ୍ରଶାସନ ହାଇକୋର୍ଟରେ ଅପିଲ କରିଥିଲା। ତେବେ ଏହାକୁ ହାଇକୋର୍ଟ ମନା କରି ଦେଇଥିଲେ। ଏଥିସହ ଆଜି ଅପରାହ୍ଣରେ ମନ୍ଦିର ନୀତି ପ୍ରଶାସକଙ୍କୁ ବ୍ୟକ୍ତିଗତ ହାଜର ପାଇଁ କହିଥିଲେ।ଆଜି ବ୍ୟକ୍ତିଗତ ଭାବେ ୨ଟାରେ ନୀତି ପ୍ରଶାସକ ପ୍ରଦୀପ ଦାସ ହାଜର ହେବା ପରେ ବିଚାର ବିଭାଗୀୟ ଶୁଣାଣି କରିଥିଲେୟ ଆସନ୍ତା ୧୬ ତାରିଖ ସୁଦ୍ଧା ଜଗମୋହନ ଖୋଲିବା ନେଇ ନିର୍ଦ୍ଦେଶ ଦେଇଥିଲେ। ଜଗମୋହନ ଖୋଲିଯିବା ପରେ ଶ୍ରୀମନ୍ଦିର ପ୍ରଶାସନ ଏ ସଂକ୍ରାନ୍ତରେ ହାଇକୋର୍ଟକୁ ଜଣାଇବେ। ଜଣାଇବା ପରେ ୧୯ରେ ପରବର୍ତ୍ତୀ ଶୁଣାଣି ହେବ ବୋଲି କୋର୍ଟ କହିଛନ୍ତି ।

## ରାବ୍ରୀ ଦେବୀଙ୍କ ଘରେ ସିବିଆଇ ରେଡ୍

ଭୁବନେଶ୍ୱର, ୧୦।୪ (ସକାଳ ଖବର): ଆଇଆରସିଟିସି ରାଂଚି ଓ ପୁରୀ ହୋଟେଲ ଟେଣ୍ଡର ଅନିୟମିତତା ମାମଲାରେ ବିହାରର ପୂର୍ବତନ ଲାଲୁ ପ୍ରସାଦ ଯାଦବଙ୍କ ପତ୍ନୀ ରାବ୍ରୀ ଦେବୀଙ୍କ ବାସଭବନରେ ସିବିଆଇ ରେଡ୍ କରିଛି। ଏହାସହ ଲାଲୁଙ୍କ ପୁଅ ତେଜସ୍ୱୀ ଯାଦବଙ୍କୁ ମଧ ଏହି ମାମଲାରେ ଜେରା କରାଯାଇଛି। ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ଲାଲୁ ଯାଦବ ରେଳମନ୍ତ୍ରୀ ଥିବା ସମୟରେ ଘରୋଇ କମ୍ପାନିକୁ ଅହେତୁକ ଅନୁକମ୍ପା ଦେଖାଇ ହୋଟେଲ ଟେଣ୍ଡର ଦିଆଯାଇଥିବା ଅଭିଯୋଗ ହୋଇଥିଲା। ସିବିଆଇ ଏହି ଘଟଣାର ତଦନ୍ତ କରୁଛି। ସିବିଆଇ ଅନୁସାରେ ଟେଣ୍ଡର ବଦଳରେ ଲାଲୁଙ୍କୁ ବହୁ କମ୍ ଦାମରେ ବେନାମୀ ଜମି ମିଳିଥିଲା। ଲାଲୁଙ୍କ ସହିତ ଏଥିରେ ରାବ୍ରୀ ଦେବୀ ଓ ପୁଅ ତେଜସ୍ୱୀ ଯାଦବ ମଧ ଅଭିଯୁକ୍ତ ଅଛନ୍ତି।

## ଓଏଏସ୍‌ଙ୍କୁ ମୁଖ୍ୟମନ୍ତ୍ରୀଙ୍କ ମନ୍ତ୍ର

# ଅଧିକାରୀମାନେ ଯତ୍ନବାନ ହୁଅନ୍ତୁ



ଭୁବନେଶ୍ୱର, ୧୦।୪ (ସକାଳ ଖବର): ଗରୀବ ଓ ବଂଚିତ ଲୋକ ମାନଙ୍କ ଆବଶ୍ୟକତା ପ୍ରତି ଓଡିଶା ପ୍ରଶାସନିକ ସେବାର ଅଧିକାରୀ ମାନେ ସମ୍ବେଦନଶୀଳ ହୁଅନ୍ତୁ । ଲୋକ ମାନଙ୍କର ଯାହା ଅଧିକାର ରହିଛି ସେଥିରୁ ଯେପରି କେହି ବଂଚିତ ନ ହେବେ ସେଥି ନେଇ ଅଧାକାରୀ ମାନେ ଯତ୍ନବାନ ହୁଅନ୍ତୁ । ଓଡିଶା ପ୍ରଶାସନିକ ସେବା ଅଧିକାରୀ ମାନଙ୍କର ସମ୍ମିଳନୀରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି । ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ବିଭିନ୍ନ ଲୋକ କଲ୍ୟାଣକାରୀ ଯୋଜନା ଗୁଡିକ କିପରି ତ୍ୱରିତ ରୂପେ ଲୋକ ମାନଙ୍କ ନିକଟରେ ପହଂଚିବ ସେଥି ନେଇ ଅଧିକାରୀ ମାନେ ଧ୍ୟାନ ଦେବା ଆବଶ୍ୟକ ।ଦାୟିତ୍ୱ ନିର୍ବାହ ବେଳେ ଅଧିକାରୀ ମାନଙ୍କ ସମ୍ମୁଖରେ ଆସୁଥିବା ସମସ୍ୟା ପ୍ରତି ତାଙ୍କ ସରକାର ସମ୍ବେଦନଶୀଳ ଅଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଯେତେବେଳେ ଯାହା ସହଯୋଗ ଓ ସଂରକ୍ଷଣର ଆବଶ୍ୟକତା ରହିବ ତାହା ରାଜ୍ୟ ସରକାର ପ୍ରଦାନ କରିବେ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଅର୍ଥ ମନ୍ତ୍ରୀ ଶଶୀଭୂଷଣ ବେହେରା, ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଓ ଓଏସ ସଂଘର ସଭାପତି ସରୋଜ ସାମଲ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପତ୍ର

# କୋଣାର୍କରେ ସ୍ଥାପତ୍ୟ ପ୍ରଶିକ୍ଷଣ କେନ୍ଦ୍ରକୁ ଅନ୍ତରାଷ୍ଟ୍ରୀୟ ମାନର କରିବାକୁ ପ୍ରସ୍ତାବ

ନୂଆଦିଲ୍ଲୀ /ଭୁବନେଶ୍ୱର,୧୦।୪ : କୋଣାର୍କରେ ଥିବା ରାଜ୍ୟ ସରକାରଙ୍କର ସ୍ଥାପତ୍ୟ ପ୍ରଶିକ୍ଷଣ କେନ୍ଦ୍ରକୁ ଏକ ଅନ୍ତରରାଷ୍ଟ୍ରୀୟ ସ୍ତରରେ ସ୍ଥାପତ୍ୟ କ୍ଷେତ୍ରରେ ଦକ୍ଷତା ବିକାଶ କେନ୍ଦ୍ରରେ ପରିଣତ କରିବା ପାଇଁ କେନ୍ଦ୍ର ସରକାର ଆବଶ୍ୟକୀୟ ସହାୟତା ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏ ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ପତ୍ର ଲେଖି ଶ୍ରୀ ପ୍ରଧାନ ରାଜ୍ୟ ସରକାରଙ୍କ ଏହି ସ୍ଥାପତ୍ୟ ପ୍ରଶିକ୍ଷଣ କେନ୍ଦ୍ରର ବିକାଶ କରିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବରେ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଶ୍ରୀ ପ୍ରଧାନ ଏହି ପତ୍ରରେ କହିଛନ୍ତି ଯେ ଏହି ପ୍ରକଳ୍ପ ସଫଳ ହେଲେ ପଥର କାରିଗରଙ୍କର କେବଳ ଦକ୍ଷତାରେ ବୃଦ୍ଧି ଘଟିବ ନାହିଁ ବରଂ ଓଡିଶାର ପୁରାତନ ଐତିହ୍ୟ, ପଥରକଳା କ୍ଷେତ୍ରରେ ନୂଆ ପୀଢୀକୁ ଏହି ବୃତି ପ୍ରତି ଆକର୍ଷିତ କରିବ । ଓଡିଶାର ପଥରରେ କଥା କହିବା ଭଳି ସୂକ୍ଷ୍ମ କାରୁ କାର୍ଯ୍ୟର ନୈପୁଣ୍ୟତାକୁ ଏହି ଅନ୍ତରରଷ୍ଟ୍ରୀୟ ମାନର ଅନୁଷ୍ଠାନ ବିଲୁପ୍ତ ହେବାକୁ ନ ଦେଇ ଆଗକୁ ବଢାଇବାରେ ସଫଳ ହେବ । ସେ କହିଛନ୍ତି ଯେ ରାଷ୍ଟ୍ରାୟତ ଉଦ୍ୟୋଗ ଭାରତୀୟ ତୈଳ ନିଗମ କୋଣାର୍କର ଯାତ୍ରୀ ସୁବିଧା ପାଇଁ ଅର୍ଥ ବିନିଯୋଗ କରିଛି । ୟୁନେସ୍କୋ ମାନ୍ୟତା ପ୍ରାପ୍ତ ଏହି ପର୍ଯ୍ୟଟନ ସ୍ଥଳୀ ସ୍ଥାନୀୟ ଅଂଚଳର ଲୋକ ମାନଙ୍କ ପାଇଁ ଜୀବନ ଜୀବିକା ଓ ରୋଜଗାରର



ପନ୍ଥା ଯୋଗାଇ ଆସୁଛି । ଅନ୍ତରରାଷ୍ଟ୍ରୀୟ ମାନର ପର୍ଯ୍ୟଟନ ସୁବିଧା ଯୋଗାଇ ଦିଆଯିବା ଦ୍ୱାରା ଏହି ପର୍ଯ୍ୟଟନ ସ୍ଥଳୀ ପ୍ରତି ଆହୁରି ଅଧିକ ପର୍ଯ୍ୟଟକ ଆକୃଷ୍ଟ **(ପୃଷ୍ଠା-୭)**

# ଶବଦାହକୁ ଯାଇ ଶବ ହେଲେ

ବାରିପଦା,୧୦।୪ (ସକାଳ ଖବର): ଶବଦାହ କରିବାକୁ ଯାଇଥିଲେ । କିନ୍ତୁ ନିଜେ ଶବ ହୋଇଗଲେ । ଏଭଳି ଏକ ମର୍ମନ୍ତୁଦ ଘଟଣା ଘଟିଛି ମୟୂରଭଞ୍ଜରେ । ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅନ୍ତର୍ଗତ ନୂଆଗାଁ ପଂଚାୟତର ଛଚିନା ଗ୍ରାମର ଦୁର୍ଗା ମାର୍ଣ୍ଡି ନାମକ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିଲା । ତାଙ୍କର ଆତ୍ମୀୟସ୍ୱଜନ ଓ ସାଇପଡ଼ିଶାର କିଛି ଲୋକ ଦୁର୍ଗା ମାର୍ଣ୍ଡିଙ୍କ ଶବ ସତ୍କାର କରିବା ନିମନ୍ତେ ଅପରାହ୍ନ ପ୍ରାୟ ୩ଟା ସମୟରେ ଶ୍ମଶାନକୁ ନେଇଯାଇଥିଲେ । ଜୁଇ ଜଳିବା ଆରମ୍ଭ କରିଥିଲା । ଏହି ସମୟରେ ଆକାଶରେ ମେଘ ସହିତ ବିଜୁଳି ମାରିବା ଆରମ୍ଭ ହୋଇଥିଲା । ଶବ ଦାହ ନିମନ୍ତେ ଯାଇଥିବା ସମସ୍ତ ବ୍ୟକ୍ତି ନିକଟସ୍ଥ ଏକ ଗଛ ମୂଳରେ ଆଶ୍ରୟ ନେଇ ଥିଲେ । ମାତ୍ର ଜୁଇ ଜଳୁଛି ଅଥବା ବର୍ଷାରେ ଲିଭି ଯାଇଛି, ତାହା ଦେଖିବା ନିମନ୍ତେ ଗୁଣାକାର ସୋରେନଙ୍କ ପୁଅ କୁଅଁର ସୋରେନ(୫୫) ଓ ବିନୋଦ ସୋରେନଙ୍କ ପୁଅ ବାସେନ ସୋରେନ(୩୭) ଯାଇଥିଲେ । ଏହି ସମୟରେ ବଜ୍ରପାତ ଯୋଗୁଁ ସମ୍ପୃକ୍ତ ଦୁଇ ଜଣ ଗୁରୁତର ହୋଇଥିଲେ । ଉଭୟଙ୍କୁ ଚିକିତ୍ସା ନିମନ୍ତେ ବେତନଟୀ ଡ଼ାକ୍ତରଖାନାକୁ ନିଆଯାଇଥିଲା । କିନ୍ତୁ ସେଠାରେ ଡାକ୍ତର ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ବେତନଟୀ ଥାନା ପୁଲିସ ପହଁଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା । ଏ ସଂକ୍ରାନ୍ତରେ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ଏହି ଘଟଣା ଘଟିବା ପରେ ସଂପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କଲେ ମନ୍ତ୍ରୀ ପ୍ରତାପ ଜେନା



ତାଳଚେର,୧୦।୪ (ସକାଳ ଖବର): ତାଳଚେର ନଗର ବିଜୁ ଜନତା ଦଳ ପକ୍ଷରୁ ଆଜି ଅପରାହ୍ନରେ ଗୋପବନ୍ଧୁ ଟାଉନ୍ ହଲ୍ ଠାରେ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ତଥା ବିଜେଡ଼ିର ଅନୁଗୋଳ ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ସହରାଞ୍ଚଳରେ ବିଜୁ ଜନତା ଦଳର ସଂଗଠନକୁ ସୁଦୃଢ଼ କରିବା ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ସଚେତନ କରାଇବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। କେନ୍ଦ୍ର ବିଜେପି ସରକାର ବେକାରୀ ସମସ୍ୟାକୁ ଦୂର କରିପାରୁନଥିଲା ବେଳେ ପେଟ୍ରୋଲ୍ ଦର ବୃଦ୍ଧି କରାଇ ସାଧାରଣ ଲୋକଙ୍କୁ ହନ୍ତସନ୍ତ କରୁଛି ବୋଲି ଅଭିଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁ ଉନ୍ନୟନମୂଳକ ଯୋଜନା କାର୍ଯ୍ୟ କରୁଥିଲା ବେଳେ ରାଜ୍ୟର ବିକାଶରେ ଯୁବକମାନଙ୍କର ସହଯୋଗ ଏକାନ୍ତ କାମ୍ୟ ବୋଲି ପ୍ରକାଶ କରିଥିଲେ। ପ୍ରତି ୱାର୍ଡର ବିକାଶ ପାଇଁ ନବୀନ ସରକାର ୨୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି ଏବଂ ପ୍ରତି ୱାର୍ଡରେ ୫୦ ଜଣ ଲେଖାଏଁ କର୍ମୀ ଥିବା ବେଳେ ପ୍ରତି କର୍ମୀ ୨୦ ଜଣ ଭୋଟରଙ୍କୁ ଭେଟି ସେମାନଙ୍କର ସମସ୍ୟାକୁ ବୁଝିବା ସହିତ ସମାଧାନ କରିପାରିଲେ ଆଗାମୀ ନିର୍ବାଚନ ବୈତରଣୀ ସୁରୁଖୁରୁରେ ପାର ହୋଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ଜେନା ପ୍ରକାଶ କରିଥିଲେ। ଏଥିରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଯୋଗଦେଇ ବିଜୁ ଜନତା ଦଳର ଭବିଷ୍ୟତ ଉଜ୍ଜ୍ୱଳମୟ ଏବଂ ରାଜ୍ୟବାସୀ ବିଜେଡ଼ି ପ୍ରତି ସେମାନଙ୍କର ଆଶୀର୍ବାଦ ଖୋଲାଖୋଲି ଭାବେ ଦେଇଆସୁଛନ୍ତି ବୋଲି କହିଥିଲେ। ରାଜ୍ୟର ଦ୍ରୁତ ପ୍ରଗତି ଦିଗରେ **(ପୃଷ୍ଠା-୭)**

# ବିଜେପିର ୨ ବର୍ଷରେ ଆୟ ୮୧% ବୃଦ୍ଧି

## କଂଗ୍ରେସର ୧୪% ହ୍ରାସ



ନୂଆଦିଲ୍ଲୀ,୧୦।୪ : ଗତ ଦୁଇବର୍ଷରେ ଆୟ ମାମଲାରେ ବିଜେପି କଂଗ୍ରେସକୁ ପଛରେ ପକାଇ ଦେଇଛି । ଏନଡିଆରର ରିପୋର୍ଟ ଅନୁସାରେ ୨୦୧୫-୧୬ ଓ ୨୦୧୬-୧୭ରେ ବିଜେପିର ଆୟରେ ୮୧.୧୮ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ କଂଗ୍ରେସର ଆୟରେ ୧୪ ପ୍ରତିଶତ ହ୍ରାସ ପାଇଛି । ଏନଡିଆର ନିଜର ଏହି ରିପୋର୍ଟ ମଙ୍ଗଳବାର ଜାରି କରିଛି । ଏହି ରିପୋର୍ଟରେ ବିଜେପି ଓ କଂଗ୍ରେସର ଆୟଠୁ ନେଇ ଖର୍ଚ୍ଚ ପର୍ଯ୍ୟନ୍ତ ସମସ୍ତ ବିବରଣୀ ଦିଆଯାଇଛି । ନିର୍ବାଚନ ସୁଧାର ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା ଏନଡିଆର ଅନୁସାରେ ଆର୍ଥିକ ବର୍ଷ ୨୦୧୫-୧୬ ଏବଂ ୨୦୧୬-୧୭ ମଧ୍ୟରେ ୭ ଜାତୀୟ ଦଳର ଆୟ ଅହେତୁକ ବୃଦ୍ଧି ପାଇଛି । ଏଥିରେ ବିଜେପି, କଂଗ୍ରେସ ସମେତ ନ୍ୟାସନାଲ **(ପୃଷ୍ଠା-୭)**

## ଭାରତ ବନ୍ଦ ପାଇଁ ବିପିୟୁଟି ପରୀକ୍ଷା ବାତିଲ

ଭୁବନେଶ୍ୱର, ୧୦।୪ (ସକାଳ ଖବର):ଭାରତ ବନ୍ଦ ପାଇଁ ମଙ୍ଗଳବାର ରାଜ୍ୟରେ ହେବାକୁ ଥିବା ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ର ସମସ୍ତ ପରୀକ୍ଷାକୁ ବାତିଲ୍ କରାଯାଇଛି। ବିପିୟୁଟି ଅଧୀନରେ ଥିବା ୮୮ଟି ସେଂଟରରେ ପରୀକ୍ଷା ବାତିଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୧୨ତାରିଖିରୁ ୨୦ତାରିଖି ମଧ୍ୟରେ ପୁନଃ ପରୀକ୍ଷା ପାଇଁ ବିପିୟୁଟି ଭିସି ନିର୍ଦ୍ଦେଶ ଦେଇଛନ୍ତି। ଆଜି ବିଭିନ୍ନ ବର୍ଗର ୫୫ଟି ବିଷୟରେ ପରୀକ୍ଷା ହୋଇଥାନ୍ତା। ସୂଚନାଯୋଗ୍ୟ ଯେ ଗତ ଏପ୍ରିଲ ୨ରେ ବିଭିନ୍ନ ଦଳିତ ସଂଗଠନ ମାନଙ୍କ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା ଏବଂ ସେଥିପାଇଁ ପରୀକ୍ଷା ବାତିଲ ହୋଇଥିଲା।

# ଆଜିଠୁ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ବୈଠକ



ଭୁବନେଶ୍ୱର,୧୦।୪ (ସକାଳ ଖବର): ଆସନ୍ତାକାଲି ଠାରୁ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଆରମ୍ଭ ହେବ । ବୁଧବାର ବିଧାନସଭା ପକ୍ଷରୁ ଗଠନ କରାଯାଇଥିବା ବିଭିନ୍ନ ବିଭାଗୀୟ ଷ୍ଟାଣ୍ଡିଂ କମିଟିର ରିପୋର୍ଟ କମିଟିର ଅଧ୍ୟକ୍ଷ ମାନେ ଉପସ୍ଥାପନ କରିବେ। ୧୨ ତାରିଖି ଠାରୁ ୨୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ବିଭାଗର ଖର୍ଚ୍ଚ ଦାବି ଉପରେ ଆଲୋଚନା କରାଯିବ । ଏପ୍ରିଲ ୧୨ ତାରିଖରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଖର୍ଚ୍ଚ ଦାବି ଉପରେ ଆଲୋଚନା କରାଯିବାକୁ ଦିନ ଧାର୍ଯ୍ୟ ହୋଇଛି । ସେହିପରି ୧୩ ତାରିଖରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ , ୧୬ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ବିଭାଗ , ୧୭ ତାରିଖରେ ଶକ୍ତି, ୧୮ ତାରିଖରେ ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ , ୧୯ ତାରିଖରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ , ୨୦ ତାରିଖରେ ପଂଚାୟତିରାଜ ଓ ପାନୀୟ ଜଳ , ୨୧ ତାରିଖରେ ମହିଳାଓଶିଶୁ ବିକାଶ ଓ ମିଶନ୍ ଶକ୍ତି ଏବଂ ଆଇନ୍ ବିଭାଗ , ୨୩ ତାରିଖ ଦିନ କୃଷି ଓ କୃଷକ ସଶକ୍ତିକରଣ ଓ ସମବାୟ ବିଭାଗ , ୨୪ରେ ଶିଳ୍ପ ଓ ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ , ୨୫ ତାରିଖରେ ଜଳ ସମ୍ପଦ ବିଭାଗ , ୨୬ ତାରିଖ ଦିନ ସ୍ୱରାଷ୍ଟ୍ର ଓ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ , ୨୭ ତାରିଖରେ ନିର୍ମାଣ ବିଭାଗ ଏବଂ ୨୮ ତାରିଖ ଦିନ ଯୋଜନା ଓ ସଂଯୋଜନା ବିଭାଗର ଖର୍ଚ୍ଚ ଦାବି ଉପରେ ଆଲୋଚନା କରାଯିବାକୁ ଦିନ ଧାର୍ଯ୍ୟ କରାଯାଇଛି ।




ଭଲ ପାଇବା ଓ ଭକ୍ତି ସହିତ ଦାନ କରନ୍ତୁ




ହୁଣ୍ଡିର ଆୟ (୧୦.୪.୧୮)
୨, ୧୩, ୯୬୩

## ହାତୀ ଉତ୍ପାତ

# ଠିକା କର୍ମଚାରୀଙ୍କୁ କଚାଡ଼ି ମାରିଲା

ଢେଙ୍କାନାଳ, ୧୦।୪ (ସକାଳ ଖବର): ବନବିଭାଗର ଓଡ଼ାପଡା ରେଞ୍ଜ ଅନ୍ତର୍ଗତ ବଉଳପୁର ନିକଟ ବ୍ରାହ୍ମଣୀ ନଦୀ କୂଳ ପମ୍ପହାଉସ ନିକଟରେ ହାତୀ ଆକ୍ରମଣରେ ଗ୍ରାମୀଣ ଜଳଯୋଗାଣ ସଂସ୍ଥା(ଆରଡବ୍ଲ୍ୟୁଏସଏସ)ର ଜଣେ ଠିକା କର୍ମଚାରଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ନାମ ଦୈତାରୀ ରାଉତ (୪୭) ବୋଲି ଜଣାପଡିଛି । ଘଟଣାରେ ଉତ୍ୟକ୍ତ ସ୍ଥାନୀୟ ଲୋକେ ସେଠାରେ କିଛି ଘଂଟା ଧରି ରାଜପଥ ଅବରୋଧ କରିଥିଲେ । ବନବିଭାଗ ଓ ଆରଡବ୍ଲ୍ୟୁଏସଏସର ଅଧିକାରୀମାନେ ଘଟଣାସ୍ଥଳରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା । ଆଜି ଭୋର ପ୍ରାୟ ୫ଟା ସମୟରେ ବଉଳପୁର ଗ୍ରାମର ଦୈତାରୀ ପମ୍ପ ଚଳାଇବାକୁ ପମ୍ପହାଉସ୍ କୁ ଯାଉଥିବା ବେଳେ ଦୁଇଟି ହାତୀ ତାଙ୍କୁ ଆକ୍ରମଣ କରିଥିଲେ । ତନ୍ମଧ୍ୟରୁ ଗୋଟିଏ ହାତୀ ତାଙ୍କୁ ଶୁଣ୍ଢରେ ଟେକି ତଳେ କଚାଡ଼ି ଦେଇଥିଲା । ଫଳରେ ସେ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ **(ପୃଷ୍ଠା-୭)**



ମଙ୍ଗଳବାର ଭାରତ ବନ୍ଦ ବେଳେ ମେରଠ ସହରରେ ପୋଡ଼ାଜଳାର ଦୃଶ୍ୟ

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com
**Editor - Amit Kumar Mallick**